# ୨୦୧୩-୧୪ ମସିହା ବିଦ୍ୟୁତ ଶୁଳ୍କ ଓଇଆରସି ଦ୍ୱାରା ନିର୍ଦ୍ଧାରିତ
# ଜଳସେଚନ ଓ କୃଷି, ପାଇଁ ବିଦ୍ୟୁତ ଶୁଳ୍କ ଅପରିବର୍ତ୍ତିତ
# ଖୁଚୁରା ଯୋଗାଣ କ୍ଷେତ୍ରରେ ହାରାହାରୀ ୨.୪% ବୃଦ୍ଧି

---

Electricity Act, 2003ର ମୁଖ୍ୟତଃ ଧାରା ୬୧, ୬୨, ୬୫, ୮୬ ଓ Tariff Policy, 2006ର para ୮.୩.୨ ଓ National Electricity Policy, 2005ର para ୫.୫.୨ ଇତ୍ୟାଦି ଅନୁସାରେ ବିଦ୍ୟୁତ୍ ଉତ୍ପାଦନ (Generation), ପରିବହନ (Transmission), ଯୋଗାଣ (Supply) ଓ ବିତରଣ (Distribution) ସଂସ୍ଥାମାନଙ୍କର ବାଣିଜ୍ୟିକ ସ୍ୱଚ୍ଛଳତା (Commercial viability), ସେମାନଙ୍କର କାର୍ଯ୍ୟଦକ୍ଷତା (Operational efficiency) ଓ ସର୍ବୋପରି ଉପଭୋକ୍ତାମାନଙ୍କର ସ୍ୱାର୍ଥକୁ ଆଖିରେ ରଖି ବିଦ୍ୟୁତ୍ ନିୟାମକ ଆୟୋଗ (OERC)ଙ୍କୁ ବିଦ୍ୟୁତଶୁଳ୍କ ନିର୍ଦ୍ଧାରଣ କରିବାକୁ ପଡିଥାଏ । ଲାଇସେନ୍ସିମାନଙ୍କର ଦରଖାସ୍ତ ଉପରେ ସମସ୍ତ ଗ୍ରାହକମାନଙ୍କ କ୍ଷେତ୍ରରେ ଆଗ୍ରହୀ ଜନସାଧାରଣଙ୍କ ମତାମତ, ରାଜ୍ୟ ଉପଦେଷ୍ଟା କମିଟି (State Advisory Committee)ଙ୍କ ପରାମର୍ଶ, ସମସ୍ତ data/informationକୁ ପୁଙ୍ଖାନୁପୁଙ୍ଖ ଯାଞ୍ଚକରି, କେତେକ ବିଷୟରେ ରାଜ୍ୟସରକାରଙ୍କ ସ୍ପଷ୍ଟୀକରଣକୁ ବିଚାରକୁ ନେଇ ଓ ସମସ୍ତଙ୍କ ହିତ ଓ ସ୍ୱାର୍ଥ ମଧ୍ୟରେ ସମନ୍ୱୟ ରକ୍ଷାକରି, ଆୟୋଗ ଜନ ଶୁଣାଣୀ କରି ୨୦୧୩-୧୪ ମସିହାପାଇଁ ବିଦ୍ୟୁତ ଶୁଳ୍କ ନିର୍ଦ୍ଧାରଣ ୨୦.୦୩.୨୦୧୨ରେ ଘୋଷଣା କରିଛନ୍ତି ଯାହା ଆସନ୍ତା ୦୧.୦୪.୨୦୧୩ ଠାରୁ କାର୍ଯ୍ୟକାରୀ ହେବ ।

- ଖୁଚୁରା କ୍ଷେତ୍ରରେ ଗତ ବର୍ଷ ତୁଳନାରେ ୨୦୧୩-୧୪ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ ଶୁଳ୍କ ହାରାହାରୀ ୨.୪% ବୃଦ୍ଧି ପାଇଛି । ଫେବୃଆରୀ ୨୦୧୨ରୁ ଫେବୃଆରୀ ୨୦୧୩ ମଧ୍ୟରେ ସିପିଆଇର ବୃଦ୍ଧିକୁ ବିଚାରକୁ ନେଲେ ବର୍ତ୍ତମାନ ମୁଦ୍ରାସ୍ଫିତୀ ହାର ୧୦.୯୧ ରହିଛି । ତାପଜ ବିଦ୍ୟୁତ ଉତ୍ପାଦନ ପାଇଁ ଆବଶ୍ୟକ ହେଉଥିବା ଡିଜେଲର ମୂଲ୍ୟ ମାର୍ଚ୍ଚ ୨୦୧୨ରୁ ଫେବୃଆରୀ ୨୦୧୩ ମଧ୍ୟରେ ୧୬% ବୃଦ୍ଧି ପାଇଛି । ଏ ସବୁକୁ ବିଚାରକୁ ନେଲେ ବିଦ୍ୟୁତ ଶୁଳ୍କର ଏହି ବୃଦ୍ଧି ନାମମାତ୍ର ।
- ବିଦ୍ୟୁତ ବିତରଣ କମ୍ପାନୀମାନଙ୍କ ପାଇଁ ହାରାହାରୀ ଯୋଗାଣ ମୂଲ୍ୟ ୟୁନିଟ ପିଛା ୪୬୦.୫୧ ପଇସାରୁ ୪୬୬.୬୮ ପଇସାକୁ ବୃଦ୍ଧି ପାଇଛି ।
- ଗ୍ରୀଡ଼କୋର ହାରାହାରୀ କ୍ରୟ ମୂଲ୍ୟ ୟୁନିଟ ପିଛା ୨୩୬.୧୭ ପଇସାରୁ ୨୨୯.୦୧ ପଇସାକୁ ହ୍ରାସ ପାଇଛି ।
- ସମସ୍ତ ବିତରଣ କମ୍ପାନୀମାନେ ମୋଟ ୧୦୯୦୯.୨୦ କୋଟି ଟଙ୍କାର ବାର୍ଷିକ ରାଜସ୍ୱ ଆବଶ୍ୟକତା ପ୍ରସ୍ତାବ ଦେଇଥିଲେ ମଧ୍ୟ, ଆୟୋଗ କେବଳ ୮୨୬୬.୯୯ କୋଟି ଟଙ୍କା ଅନୁମୋଦନ କରିଛନ୍ତି ।
- ସମସ୍ତ ବିତରଣ କମ୍ପାନୀମାନଙ୍କର ପ୍ରସ୍ତାବିତ ହାରହାରୀ ୩୪.୧୩% ବିତରଣ ଜନିତ କ୍ଷତିକୁ ଆୟୋଗ ଗ୍ରହଣ ନକରି, ୨୧.୨୯% କ୍ଷତି ଅନୁମୋଦନ କରି ଶୁଳ୍କ ନିର୍ଦ୍ଧାରଣ କରିଛନ୍ତି । ସେହିପରି ଆୟୋଗ ପ୍ରସ୍ତାବିତ ୩୫.୦୯%, **AT&C loss** କୁ ଗ୍ରହଣ ନକରି ୨୨.୦୮%ରେ ସୀମିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।
- ସମସ୍ତ ବର୍ଗ ପାଇଁ Cross-subsidy କୁ ±୨୦% ମଧ୍ୟରେ ରଖାଯାଇଛି ।
- ବର୍ତ୍ତମାନ OPTCL ପାଉଥିବା ୟୁନିଟ ପିଛା ୨୫ ପଇସା ପରିବହନ ଶୁଳ୍କର କୌଣସି ପରିବର୍ତ୍ତନ କରାଯାଉନାହିଁ ।
- OHPC ର ଜଳବିଦ୍ୟୁତ ଶୁଳ୍କ ୟୁନିଟ ପିଛା ୬୮.୮୩ ପଇସାରୁ ୬୮.୯୮ ପଇସାକୁ ବୃଦ୍ଧି ପାଇଛି ।
- ଗ୍ରୀଡ଼କୋର Average Bulk Supply Price ୟୁନିଟ ପିଛା ୨୭୦.୭୪ ପଇସାରୁ ୨୬୫.୨୭ ପଇସାକୁ ହ୍ରାସ ପାଇଛି ।
- ରାଜ୍ୟପାଇଁ ହାରାହାରୀ BSP ୟୁନିଟ ପିଛା ୨୬୫.୨୭ ହୋଇଥିବା ବେଳେ, ସେସୁକୁ ୟୁନିଟ ପିଛା ୨୫୯ ପଇସା, ନେସ୍କୋକୁ ୨୯୦ ପଇସା, ୱେସ୍କୋକୁ ୨୯୪ ପଇସା ଓ ସାଉଥକୋ କୁ ୧୮୦ ପଇସା ଦେବାକୁ ପଡ଼ିବ । କିନ୍ତୁ ସମସ୍ତ ବିତରଣ କମ୍ପାନୀକୁ ୟୁନିଟ ପିଛା ୨୫ ପଇସା Transmission Charge ଦେବାକୁ ପଡ଼ିବ ।

- କୁଟୀର ଜ୍ୟୋତି ଉପଭୋକ୍ତାଙ୍କ କ୍ଷେତ୍ରରେ ବର୍ତ୍ତମାନ ମାସିକ ୩୦ ୟୁନିଟ ପାଇଁ ଦେବାକୁ ପଡୁଥିବା ୬୦ ଟଙ୍କା ବଦଳରେ ୬୫ ଟଙ୍କା ଦେବାକୁ ପଡ଼ିବ ।
- LT connectionରେ ଜଳସେଚନ ଓ କୃଷି ପାଇଁ ୟୁନିଟ ପିଛା ୧୧୦ ପଇସା, କୃଷି ଆନୁସଙ୍ଗୀକ କାର୍ଯ୍ୟକ୍ରମ ପାଇଁ ୟୁନିଟପିଛା ୧୨୦ପଇସା ଦରରେ କୌଣସି ପରିବର୍ତ୍ତନ ହୋଇନଥିଲା ବେଳେ କୃଷି ଆନୁସାଙ୍ଗିକ ଶିଳ୍ପ ପାଇଁ ୩୮୦ ପଇସା ବଦଳରେ ୪୦୦ ପଇସା ନିର୍ଦ୍ଧାରିତ କରାଯାଇଛି । ସେହିଭଳି HT connection ରେ ସେମାନଙ୍କ କ୍ଷେତ୍ରରେ ୟୁନିଟ ପିଛା୧୦୦ ପଇସା, ୧୧୦ ପଇସା ଅପରିବର୍ତ୍ତିତ ଥିଲାବେଳେ କୃଷି ଆନୁସାଙ୍ଗିକ ଶିଳ୍ପ ପାଇଁ ୩୭୦ ପଇସା ବଦଳରେ ୩୯୦ ପଇସା ଧାର୍ଯ୍ୟ କରାଯାଇଛି । HT Bulk domestic ବିଦ୍ୟୁତ ଯୋଗାଣରେ ବିଦ୍ୟୁତ ଶୁଳ୍କ ୪୦୦ ପଇସାରୁ ୪୧୦ ପଇସାକୁ ବୃଦ୍ଧି କରାଯାଇଛି ।
- ଯେଉଁ HT ଓ EHT ଉପଭୋକ୍ତା ମାନଙ୍କୁ ସ୍ୱତନ୍ତ୍ର Feeder ମାଧ୍ୟମରେ ବିଦ୍ୟୁତ ଯୋଗାଇ ଦିଆଯାଉଛି ସେମାନଙ୍କ କ୍ଷେତ୍ରରେ ଯଦି ୯୯%ରୁ ଅଧିକ Reliability Index ଥାଏ, ତେବେ ସେମାନଙ୍କୁ ୟୁନିଟ ପିଛା ୨୦ ପଇସା ହିସାବରେ Reliability Surcharge ଦେବାକୁ ପଡ଼ିବ ।
- ଯେଉଁ ଉପଭୋକ୍ତାମାନେ ବିଲ୍ ଠିକ୍ ସମୟରେ ଦେଇନଥିବେ ଏବଂ arrear ପାଇଁ DPS ଦେଉ ନଥିବେ, ସେମାନଙ୍କ କ୍ଷେତ୍ରରେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇନଥିଲେ ମଧ Reconnection charge ଆଦାୟ କରାଯିବ ।
- ଘରୋଇ ଉପଭୋକ୍ତାମାନଙ୍କ କ୍ଷେତ୍ରରେ ୫୦, ୧୦୦, ୨୦୦, ୩୦୦, ୪୦୦, ୫୦୦ ଓ ୬୦୦ ୟୁନିଟ ବ୍ୟବହାର ପାଇଁ ଯଥାକ୍ରମେ ୟୁନିଟ ପିଛା ହାରାହାରୀ ୨୩୦, ୩୧୫, ୩୫୮, ୪୦୫, ୪୨୯, ୪୫୧ ଏବଂ ୪୬୮ ପଇସା ଦେବାକୁ ପଡ଼ିବ ।
- ନିଜସ୍ୱ ବିଦ୍ୟୁତ କେନ୍ଦ୍ର ଥିବା ଶିଳ୍ପାନୁଷ୍ଠାନ ଯେଉଁମାନେ EHT ରେ ବିଦ୍ୟୁତ ଯୋଗାଣ ପାଉଥିବେ, ସେମାନଙ୍କୁ ୟୁନିଟ ପିଛା ୬୯୦ ପଇସା ବଦଳରେ ୬୯୫ ପଇସା ଦେବାକୁ ପଡ଼ିବ ।
- EHT ଉପଭୋକ୍ତାମାନଙ୍କ କ୍ଷେତ୍ରରେ ହାରାହାରୀ ବିଦ୍ୟୁତଶୁଳ୍କ ୫୫୧.୦୪ ପଇସାରୁ ୫୫୯.୧୮ ପଇସା, HT କ୍ଷେତ୍ରରେ ୫୫୨.୦୯ ପଇସାରୁ ୫୫୯.୬୯ ପଇସା, ଏବଂ **LT** କ୍ଷେତ୍ରରେ ୩୬୮.୫୨ ପଇସାରୁ ୩୭୪.୬୬ ପଇସାକୁ ବୃଦ୍ଧି ପାଇଛି ।
- ବିଦ୍ୟୁତ ନିୟାମକ ଆୟୋଗ ଯାହାକୁ ଯେପରି ଚାହିଁବେ ସେପରି ବିଦ୍ୟୁତ ଶୁଳ୍କ ନିର୍ଦ୍ଧାରଣ କରିପାରିବେ ନାହିଁ । Electricity Acte 61(g) ଓ Tariff Policyର ଅନୁଚ୍ଛେଦ ୮.୩.୨ ଅନୁସାରେ କୌଣସି ବିଦ୍ୟୁତ ଉପଭୋକ୍ତାଙ୍କ କ୍ଷେତ୍ରରେ ବିଦ୍ୟୁତ ଯୋଗାଣର ହାରାହାରି ମୂଲ୍ୟ ୨୦%ରୁ ଅଧିକା ବା ୨୦%ରୁ କମ୍ ହେବା ଉଚିତ ନୁହେଁ (The Tariff should be within ± 20% of the average cost of supply). ୨୦୧୩-୧୪ ପାଇଁ ହାରାହାରୀ ଯୋଗାଣ ମୂଲ୍ୟ ୟୁନିଟ୍ ପିଛା ୪୬୬.୬୮ ପଇସା (**LT** କ୍ଷେତ୍ରରେ ୩୭୪.୬୬ ପଇସା, **HT** କ୍ଷେତ୍ରରେ ୫୫୯.୬୯ ପଇସା, **EHT** କ୍ଷେତ୍ରରେ ୫୫୯.୧୯ ପଇସା) ଅନୁମୋଦନ କରାଯାଇଥିବାରୁ, କୌଣସି ଉପଭୋକ୍ତା ଶ୍ରେଣୀ କ୍ଷେତ୍ରରେ ଏହା ୫୬୦.୦୧ ପଇସାରୁ ଅଧିକ ଓ ୩୭୩.୩୪ ପଇସାରୁ କମ୍ ହେବା ଉଚିତ ନୁହେଁ । ଏହାକୁ ଆଖିରେ ରଖିବା ସହିତ, ଲାଇସେନ୍ସିମାନେ ଦେଇଥିବା ବିଭିନ୍ନ data/informationକୁ ପୁଙ୍ଖାନୁପୁଙ୍ଖ ପରୀକ୍ଷା ନିରୀକ୍ଷା କରି ଆୟୋଗ ଶୁଳ୍କ ନିର୍ଦ୍ଧାରଣ କରିଛନ୍ତି ।

**Table**

**Cross-subsidy 2013-14**

| Year | Level of Voltage | Average cost of supply for the State as a whole (P/U) | Tariff P/U | Cross-Subsidy P/U | Percentage of Cross-subsidy above/below or cost of supply |
|---|---|---|---|---|---|
| ୧ | ୨ | ୩ | ୪ | ୫= (୪) – (୩) | ୬= (୫ / ୩) |
| ୨୦୦୯-୧୦ | **EHT** | ୨୬୩.୦୦ | ୨୯୫.୦୫ | ୩୨.୦୫ | ୧୨.୧୯% |
| | **HT** | | ୩୦୮.୬୮ | ୪୫.୬୮ | ୧୭.୩୭% |
| | **LT** | | ୧୭୯.୯୯ | -୮୩.୦୧ | -୩୧.୫୬% |

| | | | | | |
|---|---|---|---|---|---|
| ୨୦୧୦-୧୧ | **EHT** | ୩୨୭.୩୭ | ୪୧୬.୬୧ | ୮୯.୨୪ | ୨୭.୨୬% |
| | **HT** | | ୪୨୩.୫୯ | ୯୬.୨୨ | ୨୯.୩୯% |
| | **LT** | | ୨୧୯.୨୧ | -୧୦୮.୧୬ | -୩୩.୦୪% |
| ୨୦୧୧-୧୨ | **EHT** | ୪୦୮.୮୭ | ୫୦୬.୯୮ | ୯୮.୧୧ | ୨୪.୦୦% |
| | **HT** | | ୫୨୪.୯୨ | ୧୧୬.୦୫ | ୨୮.୩୮% |
| | **LT** | | ୩୦୦.୩୪ | -୧୦୮.୫୩ | -୨୬.୫୪% |
| ୨୦୧୨-୧୩ | **EHT** | ୪୬୦.୫୧ | ୫୫୧.୦୪ | ୯୦.୫୩ | ୧୯.୬୬% |
| | **HT** | | ୫୫୨.୦୯ | ୯୧.୫୮ | ୧୯.୮୯% |
| | **LT** | | ୩୬୮.୫୨ | -୯୧.୯୯ | -୧୯.୯୮% |
| ୨୦୧୩-୧୪ | **EHT** | ୪୬୬.୬୮ | ୫୫୯.୧୮ | ୯୨.୫୦ | ୧୯.୮୨% |
| | **HT** | | ୫୫୯.୬୯ | ୯୩.୦୧ | ୧୯.୯୩% |
| | **LT** | | ୩୭୪.୬୬ | -୯୨.୦୨ | -୧୯.୭୨% |

- ଜାତୀୟ ବିଦ୍ୟୁତ ନୀତି (National Electricity Policy) 2005 ର ଧାରା ୫.୫.୨ ଅନୁସାରେ ଆର୍ଥିକ ଦୁର୍ବଳ କୌଣସି ଗ୍ରାହକ ବା ଗ୍ରାହକଗୋଷ୍ଠୀଙ୍କ କ୍ଷେତ୍ରରେ (consumers of very poor category, consumers below poverty line) ଯଦି ବିଦ୍ୟୁତ ଶୁଳ୍କରେ ରିହାତି ଦେବା ଆବଶ୍ୟକ ଅନୁଭବ ହୁଏ, ମାସକୁ ୩୦ ୟୁନିଟ ପର୍ଯ୍ୟନ୍ତ ଏହି ରିହାତି ଦର ବିଦ୍ୟୁତ ଶୁଳ୍କ ଯୋଗାଣର ହାରାହାରି ମୂଲ୍ୟର ଶତକଡା ୫୦ରୁ କମ୍ ହୋଇପାରିବ ନାହିଁ । ୨୦୧୩-୧୪ ମସିହା ପାଇଁ ବିଦ୍ୟୁତ ଯୋଗାଣରେ ହାରାହାରି ମୂଲ୍ୟ ୪୬୬.୬୮ ପଇସା ନିର୍ଦ୍ଧାରଣ ହୋଇଥିବାରୁ ବିପିଏଲ୍/କୁଟୀର ଜ୍ୟୋତି କ୍ଷେତ୍ରରେ ଏହା ୨୩୩.୩୪ ପଇସାରୁ କମ୍ ହେବାକଥା ନୁହେଁ । ଯଦିଓ NEP ଅନୁସାରେ ଏହା ୨୩୩.୩୪ ପଇସାରୁ କମ୍ ହେବା କଥା ନୁହେଁ, ଆୟୋଗ ବିଭିନ୍ନ ବିଷୟ ବିଚାରକୁ ନେଇ ଏହାକୁ ୟୁନିଟ ପିଛା ୨୧୭ ପଇସାରେ ସ୍ଥିର କରିଛନ୍ତି ।
- ୨୦୧୩-୧୪ ମସିହା ପାଇଁ ହାରାହାରି ବିଦ୍ୟୁତ ଶୁଳ୍କ ୪୫୭.୭୧ ମଧ୍ୟରୁ ଗ୍ରୀଡକୋଠାରୁ ବିଦ୍ୟୁତ କ୍ରୟ (BSP) ବାବଦକୁ ୨୬୫.୨୭ ପଇସା, ଓପିଟିସିଏଲର ବିଦ୍ୟୁତ ପରିବହନ ଖର୍ଚ୍ଚ (Transmission Charges) ବାବଦକୁ ୨୫ ପଇସା, SLDC ପାଇଁ ୦.୧୬ ପଇସା ଓ ବିଦ୍ୟୁତ ବିତରଣ କମ୍ପାନୀମାନଙ୍କର ଦରମା, ପେନସନ, ଇଲେକ୍ଟ୍ରି ଲାଇନ ସବ୍‌ଷ୍ଟେସନ, ଇତ୍ୟାଦି ରକ୍ଷଣାବେକ୍ଷଣ ବାବଦକୁ ଅବଶିଷ୍ଟ ୧୬୭.୨୮ ପଇସା ନିର୍ଦ୍ଧାରଣ କରାଯାଇଅଛି ।

********